ସାଙ୍ଗାରାବୋଇନା ଶ୍ରୀନୁ

ବନାମ

ଆନ୍ଧ୍ର ପ୍ରଦେଶ ରାଜ୍ୟ

ଏପ୍ରିଲ 23, 1997

[ଏମ. କେ. ମୁଖାର୍ଜୀ ଏବଂ ଏସ. ପି. କୁର୍ଦୁକର, ନ୍ୟାୟମୂର୍ତ୍ତିଦ୍ୱୟ]

*ଫୌଜଦାରୀ ଆଇନ:*

*ଦଣ୍ଡ ସଂହିତା, 1860:*

*ଧାରା 302, 306- ଅଭିଯୁକ୍ତ ତାଙ୍କ ପତ୍ନୀଙ୍କ ହତ୍ୟା ଅଭିଯୋଗରେ ଆରୋପିତ- ବିଚାରଣ ନ୍ୟାୟାଳୟ ତାଙ୍କୁ ହତ୍ୟା ପାଇଁ ଦୋଷୀ ସାବ୍ୟସ୍ତ କରିଛନ୍ତି- ଉଚ୍ଚ ନ୍ୟାୟାଳୟ ଧାରା 302 ଅଧୀନରେ ଦୋଷସିଦ୍ଧିକୁ ରଦ୍ଦ କରିଛନ୍ତି କିନ୍ତୁ ଧାରା 306 ଅଧୀନରେ ତାଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି- କୁହାଗଲା, ଆଇ.ପି.ସି. ଧାରା 302 ଅଧୀନରେ କୌଣସି ଅପରାଧ ସମ୍ବନ୍ଧରେ ଧାରା 306 ଅଧୀନରେ ଅପରାଧକୁ ଏକ ଛୋଟ ଅପରାଧ ବୋଲି କୁହାଯାଇପାରିବ ନାହିଁ, କାରଣ ଏହି ଦୁଇ ଅପରାଧ ସ୍ୱତନ୍ତ୍ର ତଥା ଭିନ୍ନ ଭିନ୍ନ ବର୍ଗର ଅଟନ୍ତି- ତେଣୁ ଧାରା 306 ଅଧୀନରେ ଦଣ୍ଡବିଧାନ ରଦ୍ଦ- ଦଣ୍ଡପ୍ରକ୍ରିୟା ସଂହିତା, ଧାରା 222 ।*

ଫୌଜଦାରୀ ଆବେଦନ ଅଧିକାରିତା: ଫୌଜଦାରୀ ଆବେଦନ ସଂଖ୍ୟା 182/1990 ।

ସିଆରଏଲ. ସଂଖ୍ୟା 382/1989 ରେ ଆନ୍ଧ୍ର ପ୍ରଦେଶ ଉଚ୍ଚ ନ୍ୟାୟାଳୟଙ୍କ ତା 16.8.89 ରିଖର ରାୟ ତଥା ଆଦେଶରୁ ।

ଆବେଦନକାରୀଙ୍କ ପକ୍ଷରୁ ଏ. ସୁବ୍ବା ରାଓ ।

ପ୍ରତିବାଦୀଙ୍କ ପକ୍ଷରୁ ଜି. ପ୍ରଭାକର ।

ନ୍ୟାୟାଳୟର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ଆବେଦନକାରୀଙ୍କୁ ପତ୍ନୀହତ୍ୟା ପାଇଁ ୱାରାଙ୍ଗଲର ଦୌରା ବିଚାରପତିଙ୍କ ସମ୍ମୁଖରେ ବିଚାରଣ ପାଇଁ ହାଜର କରାଯାଇଥିଲା । ତାଙ୍କ ବିରୋଧରେ ଅଭିଯୋଗ ଥିଲା ଯେ ତା 15 ମେ, 1987 ରିଖ ରାତି ପ୍ରାୟ 9ଟା 30 ମିନିଟରେ ତାଙ୍କ ପତ୍ନୀଙ୍କ ଶରୀରରେ କିରୋସିନି ଢାଳି ନିଆଁ ଲଗାଇ ଦେଇଥିଲେ । ବିଚାରଣ ନ୍ୟାୟାଳୟ ଆବେଦନକାରୀଙ୍କୁ ଆଇ.ପି.ସି. ର ଧାରା 302 ଅଧୀନରେ ଦୋଷୀ ସାବ୍ୟସ୍ତ କରିଥିଲେ, କିନ୍ତୁ ତାଙ୍କ ଦ୍ୱାରା ଦାଖଲ ହୋଇଥିବା ଆବେଦନରେ ଉଚ୍ଚ ନ୍ୟାୟାଳୟ ତାଙ୍କ ଉପରୋକ୍ତ ଦଣ୍ଡାଦେଶକୁ ରଦ୍ଦ କରି ଆଇ.ପି.ସି. ର ଧାରା 306 ଅଧୀନରେ ତାଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ । ଉଚ୍ଚ ନ୍ୟାୟାଳୟଙ୍କ ଉପରୋକ୍ତ ରାୟକୁ ଏହି ଆବେଦନରେ ଆପତ୍ତି କରାଯାଇଛି ।

ଏହି ଆବେଦନଟି ଏହି ସରଳ କାରଣରୁ ସଫଳ ହେବା ଉଚିତ ଯେ ଆବେଦନକାରୀଙ୍କୁ ଆଇ.ପି.ସି. ର ଧାରା 302 ଅଧୀନରେ ଦୋଷମୁକ୍ତ କରାଯାଇଛି- ଯାହା କି ତାଙ୍କ ବିରୋଧରେ ଗଠିତ ଏକମାତ୍ର ଦୋଷାରୋପ ଥିଲା- ଉଚ୍ଚ ନ୍ୟାୟାଳୟ ତାଙ୍କୁ ଆଇ.ପି.ସି. ର ଧାରା 306 ଅଧୀନରେ ଅପରାଧରେ ଦୋଷୀ ସାବ୍ୟସ୍ତ କରିପାରିନଥିଲେ । ଏହା ସତ୍ୟ

ଯେ ସିଆର.ପି.ସି. ର ଧାରା 222 ଜଣେ ବ୍ୟକ୍ତିଙ୍କୁ ଏକ ଅପରାଧରେ ଦୋଷୀ ସାବ୍ୟସ୍ତ କରିବାକୁ ନ୍ୟାୟାଳୟଙ୍କୁ ଅଧିକାର ଦେଇଥାଏ ଯାହା ତାଙ୍କ ବିରୋଧରେ ବିଚାର କରାଯାଉଥିବା ଅପରାଧ ତୁଳନାରେ ଛୋଟ ଅଟେ, କିନ୍ତୁ ଆଇ.ପି.ସି. ର ଧାରା 306 ସିଆର.ପି.ସି. ର ଧାରା 222 ର ଅର୍ଥରେ ଆଇ.ପି.ସି. ର ଧାରା 302 ଅଧୀନରେ ଏକ ଅପରାଧ ସମ୍ବନ୍ଧରେ ଏକ ଛୋଟ ଅପରାଧ ବୋଲି କୁହାଯାଇପାରିବ ନାହିଁ କାରଣ ଦୁଇଟି ଅପରାଧ ପୃଥକ ତଥା ଭିନ୍ନ ବର୍ଗର । ଆଇ.ପି.ସି. ର ଧାରା 302 ଅଧୀନରେ ଏକ ଅପରାଧର ମୌଳିକ ଉପାଦାନ ନରହତ୍ୟାଜନିତ ମୃତ୍ୟୁ ଅଟେ, ଆଇ.ପି.ସି. ର ଧାରା 306 ଅଧୀନରେ ତାହା ଆତ୍ମହତ୍ୟାଜନିତ ମୃତ୍ୟୁ ଏବଂ ସେଥିପାଇଁ ଉସୁକାଇବା ଅଟେ ।

ପୂର୍ବୋକ୍ତ କାରଣରୁ ଆବେଦନକୁ ଅନୁମତି ଦିଆଯାଇଛି ଏବଂ ଆଇ.ପି.ସି. ର ଧାରା 306 ଅଧୀନରେ ଆବେଦନକାରୀଙ୍କ ଦଣ୍ଡାଦେଶକୁ ରଦ୍ଦ କରାଯାଉଛି । ଜାମିନରେ ଥିବା ଆବେଦନକାରୀ ତାଙ୍କ ଜାମିନ ମୁଚାଲିକାରୁ ମୁକ୍ତ ହେଉଛନ୍ତି ।

ଜି.ଏନ.

ଆବେଦନକୁ ମଞ୍ଜୁରୀ ଦିଆଯାଇଛି ।

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମୋକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଂଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦିକା : ଶ୍ରୀମତୀ ଜୟା ମୁଖାର୍ଜୀ,**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ**